ଜିଲ୍ଲା କାର୍ଯ୍ୟାଳୟ, ଯାଜପୁର ।
(ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ)

ପତ୍ର ସଂଖ୍ୟା ---435--- ତା ---14.12.18---

ପ୍ରାପ୍ତେଷୁ:

ଜିଲ୍ଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ
ପୌର ନିର୍ବାହୀ ଅଧିକାରୀ, ବ୍ୟାସନଗର/ଯାଜପୁର ।

ବିଷୟ- ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା-୨୦୧୮ ସଂପର୍କରେ ।

ସୂଚନା- ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପତ୍ର ସଂଖ୍ୟା ୪୧୧୭ ତା ୧୮।୭।୧୮, ସଂଖ୍ୟା ୮୦୪୭(୩୦) ତା ୧୨।୧୨।୧୮, ସଂଖ୍ୟା ୮୦୪୩(୩୦) ତା ୧୨।୧୨।୧୮ । ଅତ୍ର କାର୍ଯ୍ୟାଳୟ ପତ୍ର ସଂଖ୍ୟା ୩୪୭, ତା ୨୮।୮।୧୮ ।

ମହାଶୟ,

ଉପରୋକ୍ତ ବିଷୟ ଓ ସୂଚନାଙ୍କିତ ପତ୍ର ଏବଂ ତା ୧୨।୧୨।୧୮ ରିଖରେ ମାନ୍ୟବର ମୁଖ୍ୟ ମନ୍ତ୍ରୀ, ଓଡିଶାଙ୍କ ଭିଡିଓ କନ୍‌ଫରେନ୍ସ ଆଧାରରେ ଆପଣଙ୍କୁ ଅବଗତ କରାଇବାକୁ ଚାହେଁ ଯେ, ମୁଖ୍ୟ ମନ୍ତ୍ରୀ କଳାକାର ସହାୟତା ଯୋଜନାର ହିତାଧିକାରୀଙ୍କୁ ଡିସେମ୍ବର ମାସ ୧୫ ରୁ ୨୦ ତାରିଖ ମଧ୍ୟରେ ସହାୟତା ରାଶି ପ୍ରଦାନ କରାଯିବ । ଆମ ଗାଁ ଆମ ବିକାଶ ଯୋଜନାର ଅଂଶ ବିଶେଷ ପୀଠ କାର୍ଯ୍ୟକ୍ରମରେ ପ୍ରତ୍ୟେକ ପଞ୍ଚାୟତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏହି ସହାୟତା ରାଶିକୁ ହିତାଧିକାରୀ ମାନଙ୍କୁ ପ୍ରଦାନ କରାଯିବ । ନିମ୍ନ ଲିଖିତ ବିଷୟ ଗୁଡିକ ପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ।

(୧) ହିତାଧିକାରୀ ମାନଙ୍କ ତାଲିକା ଯାହା ଜିଲ୍ଲା କାର୍ଯ୍ୟାଳୟରୁ ସର୍ବଶେଷ ଭାବେ ପ୍ରେରଣ କରାଯାଇଛି । ତାହାକୁ ବ୍ଲକ ମାନଙ୍କରେ ପଞ୍ଚାୟତ ଓ ପୌରାଞ୍ଚଳରେ ୱାର୍ଡୱାରୀ ତାଲିକା ପ୍ରସ୍ତୁତ କରିବେ ।

(୨) ମାସିକ ସହାୟତା ଟ. ୧୨୦୦/-(ବାର ଶହ) ଟଙ୍କା ପ୍ରତି ହିତାଧିକାରୀଙ୍କୁ ମାସିକ ଭାବେ ପ୍ରଦାନ କରାଯିବ ।

(୩) ନଭେମ୍ବର ୨୦୧୮ ଠାରୁ ଏହା କାର୍ଯ୍ୟକାରୀ ହେବ । ନଭେମ୍ବର ଓ ଡିସେମ୍ବର ୨ ମାସର ସହାୟତା ଭାବେ ଟ. ୨୪୦୦/-(ଚବିଶି ଶହ) ଟଙ୍କା ହିତାଧିକାରୀଙ୍କୁ ଚେକ୍ ଆକାରରେ ପ୍ରଦାନ କରାଯିବ ।

(୪) କଳାକାର ସହାୟତା ଯୋଜନାରେ ଉପକୃତ ହେଉଥିବା କଳାକାର ମାନେ ଯଦି ବାର୍ଦ୍ଧକ୍ୟ, ବିଧବା ବା ଭିନ୍ନକ୍ଷମ ଭତ୍ତା ପାଉଥାନ୍ତି ତେବେ ତାହା କଳାକାର ସହାୟତା ପାଉଥିବା ମାସ ଠାରୁ ବନ୍ଦ ରଖାଯିବ ।

(୫) ସହାୟତା ପ୍ରଦାନ ସମୟରେ ପ୍ରକୃତ ହିତାଧିକାରୀ ମାନଙ୍କୁ ପ୍ରମାଣ ପତ୍ର ଯାଞ୍ଚ କରି ସହାୟତା ପ୍ରଦାନ କରାଯିବ ।

(୬) ତାଲିକା ଠିକଣାରେ ଛୋଟ ଛୋଟ ଭୁଲ ପରିଲକ୍ଷିତ ହେଲେ ତାହାକୁ ବ୍ଲକ ବା ପୌରାଞ୍ଚଳ ସ୍ତରରେ ସଂଶୋଧନ କରି ସଠିକ କରାଯିବ । ସେହିପରି ଯଦି କେଉଁଠି ନାମ ଦୋହରା ହୋଇଥାଏ ବା ଅନ୍ୟ କୌଣସି ତ୍ରୁଟି ଥାଏ ତେବେ ସଂସ୍କୃତି କାର୍ଯ୍ୟାଳୟର ଦୃଷ୍ଟିକୁ ଆଣିଲେ ସଂଶୋଧନ କରାଯିବ । କୌଣସି କଳାକାରଙ୍କର ଆପତ୍ତି ବା ଆବେଦନ ମିଳିଲେ ତାହାକୁ ମଧ୍ୟ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟକୁ ପ୍ରେରଣ କରାଯିବ । ଜିଲ୍ଲା ପାଇଁ ୨୦୦୩ ସଂଖ୍ୟକ ଲକ୍ଷ୍ୟକୁ ବର୍ତ୍ତମାନ ପୂରଣ କରାଯାଇଛି । ତେଣୁ ଯେଉଁ କଳାକାର

ମାନେ ନ ପାଇଛନ୍ତି ପରବର୍ତ୍ତୀ ସମୟରେ ସେମାନଙ୍କୁ ଉପଯୁକ୍ତ ଯାଞ୍ଚ ଓ ଅଡିସନ ମାଧ୍ୟମରେ ଯୋଗ୍ୟତା ହିସାବରେ ସହାୟତା ପ୍ରଦାନ କରାଯିବ । ଏ ସଂପର୍କରେ କଳାକାର ମାନଙ୍କୁ ଅବଗତ କରାଯିବ ।

(୭) ପରବର୍ତ୍ତୀ ସମୟରେ କଳାକାର ମାନଙ୍କୁ e-transfer ମାଧ୍ୟମରେ ମାସିକ ଟ. ୧୨୦୦/-(ବାର ଶହ) ଟଙ୍କା ଲେଖାଏଁ ପ୍ରଦାନ କରାଯିବ । ତେଣୁ ପ୍ରଥମ ପର୍ଯ୍ୟାୟ ଭତ୍ତା ପ୍ରଦାନ ସମୟରେ ସମସ୍ତ ହିତାଧିକାରୀଙ୍କ ଠାରୁ ବ୍ୟାଙ୍କ ଜମା ଖାତାର ତଥ୍ୟ ସଂଗ୍ରହ କରାଯିବ । ବ୍ୟାଙ୍କ ଜମା ଖାତାର ଜେରକ୍ସ କପିରେ ହିତାଧିକାରୀଙ୍କ ସ୍ୱାକ୍ଷର ରହିବା ଜରୁରୀ ।

(୮) ସାଧାରଣ ଜନତାଙ୍କ ନିମନ୍ତେ ଜିଲ୍ଲା ୱେବ୍ ପୋର୍ଟାଲରେ ହିତାଧିକାରୀଙ୍କ ନାମ ପ୍ରଦାନ କରାଯାଉଛି । ସେହିପରି ପଞ୍ଚାୟତ, ବ୍ଲକ ଓ ପୌରାଞ୍ଚଳ ମାନଙ୍କରେ ମଞ୍ଜୁର ତାଲିକାର ନକଲ ପ୍ରଦର୍ଶିତ କରାଯିବ ।

(୯) ପୀଠା ଯୋଜନାରେ ସହଭାଗିତା କାର୍ଯ୍ୟକ୍ରମ ଅନ୍ତର୍ଗତ ବିଭିନ୍ନ ବିଭାଗର IEC ମାଧ୍ୟମରେ ରାଜ୍ୟ ସରକାରଙ୍କର ବିଭିନ୍ନ ଯୋଜନାକୁ ସଚେତନତା ଉଦ୍ଦେଶ୍ୟରେ ପରିବେଷଣ କରାଯିବ । ଏହାର ଅର୍ଥ ବିଭିନ୍ନ ବିଭାଗର IEC ଖର୍ଚ୍ଚ ପାଇଁ ଉଦ୍ଦିଷ୍ଟ ଥିବା ଅର୍ଥରୁ ଭରଣା କରାଯିବ । ପ୍ରତ୍ୟେକ ପଞ୍ଚାୟତରେ ଏହି ଯୋଜନାର ପ୍ରଚାର ପ୍ରସାର ପାଇଁ ବ୍ଲକ କଳା ସଂସ୍କୃତି ସଂଘ ମଧ୍ୟରେ ଉପସଭାପତି ମାନଙ୍କୁ ସୂଚନା ଦିଆଯାଇଛି । ତେଣୁ ସେମାନଙ୍କ ସହଯୋଗ ନିଆଯାଇପାରେ । କାର୍ଯ୍ୟକ୍ରମ ସଂପାଦନ ପରେ ଉପଯୁକ୍ତ ପ୍ରମାଣ ପତ୍ରରେ ସ୍ୱାକ୍ଷର ପରେ ଅର୍ଥ ପ୍ରଦାନ କରାଯିବ ।

(୧୦) ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ହିତାଧିକାରୀଙ୍କୁ ଚେକ୍ ପ୍ରଦାନର ଫଟୋଗ୍ରାଫ ସହ ସବିଶେଷ ତଥ୍ୟ ଜିଲ୍ଲା କାର୍ଯ୍ୟାଳୟକୁ ପ୍ରେରଣ କଲେ ତାହା ସରକାରଙ୍କ ନିକଟକୁ ପ୍ରେରଣ କରାଯିବ ।

ଏହି ନିୟମାବଳୀକୁ ପାଳନ ପାଇଁ ଅନୁରୋଧ ।

ଆପଣଙ୍କ ବିଶ୍ୱସ୍ତ,

ଅତିରିକ୍ତ ଜିଲ୍ଲାପାଳ, ଯାଜପୁର

ପରିପତ୍ର ସଂଖ୍ୟା 436 ତା 14.12.18

ଏହାର ନକଲ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଯାଜପୁରଙ୍କ ଅବଗତି ନିମିତ୍ତ ପ୍ରେରଣ କରାଯିବା ସହ ମଞ୍ଜୁର ହୋଇଥିବା କଳାକାର ମାନଙ୍କ ତାଲିକାକୁ ଅନୁଧ୍ୟାନ କରି ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ଭତ୍ତା ପାଉଥିଲେ ସହାୟତା ପ୍ରଦାନ ମାସ ଠାରୁ ବନ୍ଦ କରିବାକୁ ଅନୁରୋଧ କରାଗଲା ।

ଅତିରିକ୍ତ ଜିଲ୍ଲାପାଳ, ଯାଜପୁର

ପରିପତ୍ର ସଂଖ୍ୟା 437 ତା 14.12.18

ଏହାର ନକଲ ନିର୍ଦ୍ଦେଶକ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡିଶାଙ୍କ ପତ୍ର ସଂଖ୍ୟା ୮୦୪୭ ତା ୧୨।୧୨।୧୮ ରିଖ ଆଧାରରେ ପ୍ରେରଣ କରାଗଲା ।

ଅତିରିକ୍ତ ଜିଲ୍ଲାପାଳ, ଯାଜପୁର

ପରିପତ୍ର ସଂଖ୍ୟା 438 ତା 14.12.18

ଏହାର ନକଲ ଜିଲ୍ଲାପାଳ, ଯାଜପୁରଙ୍କ ସଦୟ ଅବଗତି ନିମିତ୍ତ ଜିଲ୍ଲାପାଳଙ୍କ ସ୍ୱତନ୍ତ୍ର ଅଧିକାରୀଙ୍କ ମାଧ୍ୟମରେ ପ୍ରେରଣ କରାଗଲା ।

ଅତିରିକ୍ତ ଜିଲ୍ଲାପାଳ, ଯାଜପୁର